# NATIONAL NEWS BULLETIN (ODIA)

## 01st July - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ.....    ସମ୍ବାଦ ପଢୁଛନ୍ତି.....    **ସତ୍ୟବ୍ରତ ବେହୁରା**

## <u>ମୁଖ୍ୟ ସମ୍ବାଦ</u>

- ସଂସଦର ଉଭୟ ଗୃହରେ ରାଷ୍ଟ୍ରପତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ।

- ଦେଶରେ ଆଜିଠାରୁ କାର୍ଯ୍ୟକାରୀ ହେଲା ତିନୋଟି ନୂତନ ଅପରାଧିକ ଆଇନ ।

- ଆଧୁନିକ ଅପରାଧିକ ନ୍ୟାୟ ପ୍ରକ୍ରିୟାର ନେତୃତ୍ୱ ନେବ ନୂଆ ଅପରାଧିକ ଆଇନ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ।

ଏବଂ

- ଚେନ୍ନାଇରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୦ ୱିକେଟ୍‌ରେ ପରାସ୍ତ କଲା ଭାରତ ।

# ପାର୍ଲାମେଣ୍ଟ - ମୋସନ୍ ଅଫ୍ ଥ୍ୟାଙ୍କ୍ସ

ସଂସଦର ଉଭୟ ଗୃହରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ରହିଛି । ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରି ବି.ଜେ.ପି. ସାଂସଦ ଅନୁରାଗ ଠାକୁର ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରିଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କହିଥିଲେ, ଲୋକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାଫଳରେ ସମାଜର ଉନ୍ନତି ସାଧିତ ହେବ ସହ ଅର୍ଥନୈତିକ ବିକାଶ ସମ୍ଭବ ହୋଇଛି । ସେ କହିଥିଲେ, ଦେଶର ୨୫ କୋଟି ଜନସାଧାରଣ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିପାରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮୦ କୋଟି ଲୋକଙ୍କୁ ସରକାର ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦେଉଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଗରିବ ଲୋକଙ୍କ ପାଇଁ ୪ କୋଟି ଗୃହ ନିର୍ମାଣ ସହ ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି । ଦେଶର ଅର୍ଥନୀତି ସମ୍ପର୍କରେ ଶ୍ରୀ ଠାକୁର କହିଥିଲେ, ଗତ ୧୦ ବର୍ଷରେ ବ୍ୟାଙ୍କ ସେବା ପରିସୀମା ବୃଦ୍ଧି କରାଯାଇଛି ଏବଂ ବ୍ୟାଙ୍କ୍‌ଗୁଡ଼ିକୁ ଜନାଭିମୁଖୀ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରାଯାଇଛି । ଶ୍ରୀ ଠାକୁର ପୂର୍ବର ୟୁ.ପି.ଏ. ସରକାରକୁ ସମାଲୋଚନା କରି କହିଥିଲେ, ଦେଶ ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ

ହୋଇଛି ଏବଂ ଖୁବ୍ ଶୀଘ୍ର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ । ୟୁ.ପି.ଏ. ସରକାର ସମୟରେ ହୋଇଥିବା ଦୁର୍ନୀତି ଏବଂ ପକ୍ଷପାତକୁ ଶ୍ରୀ ଠାକୁର ସମାଲୋଚନା କରିଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି ନୀଟ୍ ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗ ଉପରେ କହିଥିଲେ । ତେବେ ହିନ୍ଦୁ ସମ୍ପ୍ରଦାୟଙ୍କ ପ୍ରତି ରାହୁଲ ଗାନ୍ଧିଙ୍କ ଏକ ମନ୍ତବ୍ୟ ନେଇ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ସମ୍ପୂର୍ଣ୍ଣ ହିନ୍ଦୁ ସମ୍ପ୍ରଦାୟକୁ ଉଗ୍ର ବୋଲି ବିବେଚନା କରିବା ଠିକ୍ ନୁହେଁ । ଏହି ମନ୍ତବ୍ୟପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ରାହୁଲ ଗାନ୍ଧୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ । ଏଥିରେ ହସ୍ତକ୍ଷେପ କରି ବାଚସ୍ପତି ଓମ୍ ବିର୍ଲା କହିଥିଲେ, ଗୃହ ମଧ୍ୟରେ ବକ୍ତବ୍ୟ ରଖିବାବେଳେ ସଦସ୍ୟମାନେ ଗୃହର ପବିତ୍ରତା ବଜାୟ ରଖିବା ଉଚିତ ।

କର୍ତ୍ତବ୍ୟ ସମୟରେ ପ୍ରାଣ ହରାଉଥିବା ଅଗ୍ନିବୀରମାନଙ୍କୁ ସହିଦ୍ ମର୍ଯ୍ୟାଦା ମିଳୁ ନ ଥିବା ନେଇ ରାହୁଲ ଗାନ୍ଧିଙ୍କ ଅଭିଯୋଗ ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଥିଲେ, ଶ୍ରୀ ଗାନ୍ଧି ଗୃହକୁ  ଭ୍ରମାତ୍ମକ ତଥ୍ୟ ଦେଉଛନ୍ତି । ସେ କହିଥିଲେ କର୍ତ୍ତବ୍ୟ ସମୟରେ ପ୍ରାଣ ହରାଉଥିବା ଅଗ୍ନିବୀରମାନଙ୍କୁ ଆର୍ଥିକ ସହାୟତା ସ୍ୱରୂପ ସେମାନଙ୍କ ପରିବାରକୁ ଏକକୋଟି ଟଙ୍କାର ସହାୟତା ଯୋଗାଇ ଦିଆଯାଉଛି ।

ପୂର୍ବରୁ ବି.ଜେ.ପି. ସାଂସଦ ବାଂଶୁରୀ ସ୍ୱରାଜ କହିଥିଲେ, ସରକାର କୃଷକ ଏବଂ ମହିଳାମାନଙ୍କ ସଶକ୍ତୀକରଣକୁ ଅଗ୍ରାଧିକାର ଦେଉଛନ୍ତି । ସେ କହିଥିଲେ, ପି.ଏମ୍. କିଷାନ ଯୋଜନାରେ ଏପର୍ଯ୍ୟନ୍ତ କୃଷକମାନଙ୍କୁ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ଏବଂ କୃଷକମାନଙ୍କର ଆୟ ବୃଦ୍ଧି ଲାଗି ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରାଯାଇଛି । ସେ କହିଥିଲେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ନାଗରିକମାନଙ୍କ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ୮୧ କୋଟି ଗରିବ ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି । ଏହା ପୂର୍ବରୁ ବିରୋଧୀ ଦଳଗୁଡ଼ିକ ନୀଟ୍ ପରୀକ୍ଷା ଅନିୟମିତତା ନେଇ କକ୍ଷ ପରିତ୍ୟାଗ କରିଥିଲେ ।

ରାଜ୍ୟସଭାରେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧି ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବକୁ ଅଧକ୍ଷ ଜଗଦୀପ ଧନଖଡ଼ ଖାରଜ କରିଦେଇଥିଲେ । ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ରାଷ୍ଟ୍ରପତି ଅଭିଭାଷଣରେ ଗରିବ, ଦଳିତ ଏବଂ ସଂଖ୍ୟାଲଘୁଙ୍କ ସମ୍ପର୍କରେ କିଛି କୁହାଯାଇ ନ ଥିବା କହିଥିଲେ । ଶ୍ରୀ ଖଡ୍‌ଗେ ସଂସଦ ଭବନ ପରିସରରେ ମହାତ୍ମାଗାନ୍ଧି, ଡକ୍ଟର ବି.ଆର୍.ଆମ୍ବେଦକର ଏବଂ ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ସ୍ଥାପନ କରିବା ପ୍ରସଙ୍ଗ ଉଠାଇଥିଲେ ।

ରାଜ୍ୟସଭା ଅଧ୍ୟକ୍ଷ କେବଳ ଆଲୋଚନାପାଇଁ ସମାଲୋଚନା କରିବା ଠିକ୍ ନୁହେଁ ବୋଲି କହିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ପ୍ରସଙ୍ଗରେ କହିଥିଲେ, ସଂସଦ ଭବନ ପରିସରରେ ଥିବା  ସମସ୍ତ ପ୍ରତିମୂର୍ତ୍ତିକୁ ଏଭଳି ସ୍ଥାନରେ ସ୍ଥାପନ କରାଯାଇଛି, ଯେଉଁଠାରେ ସମସ୍ତେ ଦେଖିପାରିବେ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିବେ । ଏହି ଆଲୋଚନାରେ ଶ୍ରୀ ଖଡ୍‌ଗେ କହିଥିଲେ, ତାଙ୍କ ଦଳ ସମ୍ବିଧାନ ଏବଂ ଦେଶବାସୀଙ୍କ ପାଇଁ ଗଣତନ୍ତ୍ରକୁ ବଞ୍ଚାଇବାକୁ ଲଢ଼େଇ ଜାରି ରଖିବେ ।

ରାଜ୍ୟସଭାରେ ଆଲୋଚନାରେ ତୃଣମୂଳ କଂଗ୍ରେସ ସାଂସଦ ଜୱାହର ସରକାର, ୱାଇ.ଏସ୍.ଆର୍. କଂଗ୍ରେସ ସାଂସଦ ଏମ୍.ଆର୍. ରେଡ୍ଡୀ, ଆମ୍ ଆଦ୍‌ମୀ ପାର୍ଟି ସାଂସଦ ସଞ୍ଜୟ ସିଂହ, ଡି.ଏମ୍.କେ. ସାଂସଦ ତିରୁଚି ଶିବା, ସି.ପି.ଆଇ. ସାଂସଦ ବିନୟ ବିଶ୍ୱମ୍ ପ୍ରମୁଖ ଭାଗ ନେଇଥିଲେ ।

ତେବେ ଉଭୟ ଗୃହରେ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ବିଜୟ ହାସଲ କରିଥିବାରୁ ଭାରତୀୟ କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

## କ୍ରିମିନାଲ୍ ଲ’ଜ୍

ଦେଶରେ ଆଜିଠାରୁ ୩ଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରୀ ହୋଇଛି । ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ

ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ।

ଏହି ନୂତନ ଆଇନ ଅନୁଯାୟୀ ଅନ୍‌ଲାଇନ୍ ଏଫ୍.ଆଇ.ଆର୍. ବ୍ୟବସ୍ଥା ଯେକୌଣସି ଥାନାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇ ପାରିବ । ସେହିଭଳି ଗିରଫ ସମୟରେ କଥିତ ଅଭିଯୁକ୍ତ ନିଜ ମନ ମୁତାବକ ବ୍ୟକ୍ତିଙ୍କୁ ପରିସ୍ଥିତି ନେଇ ଅବଗତ କରାଇବାର ଅଧିକାର ରହିଛି । ମହିଳା ଏବଂ ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଆଇନରେ ବିଶେଷ ନୀତି ନିୟମ ପ୍ରଣୟନ କରାଯାଇଛି । ନ୍ୟାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରଯୁକ୍ତି ବିଦ୍ୟା ତଥା ଆଧୁନିକ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଏହି ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି ।

## ଅମିତ୍ ଶାହା - କ୍ରିମିନାଲ୍ ଲ’

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି, ଆଜିଠାରୁ ଦେଶରେ ଲାଗୁ ହୋଇଥିବା ତିନୋଟି ନୂଆ ଅପରାଧିକ ଆଇନ ଆଧୁନିକ ଅପରାଧିକ ନ୍ୟାୟ ପ୍ରକ୍ରିୟାର ନେତୃତ୍ୱ ନେବ । ସେ କହିଛନ୍ତି, ଏହି ତିନୋଟି ଆଇନ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଏବଂ ଏଥିରେ ସ୍ୱାଧୀନତା ପରବର୍ତ୍ତୀ ବ୍ୟବସ୍ଥା ଅନ୍ତର୍ନିହିତ ରହିଛି । ଶ୍ରୀ ଶାହା ଆଜି ନୂଆଦିଲ୍ଲୀରେ ତିନୋଟି ଅପରାଧିକ ଆଇନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନୂଆ ଆଇନ ପୀଡ଼ିତମାନଙ୍କୁ ତ୍ୱରିତ

ନ୍ୟାୟ ପ୍ରଦାନ କରିବା ସହ ସେମାନେ ଯେଭଳି ନିଜର ଆଇନଗତ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ନିଶ୍ଚିତ କରିବ ।

ପୂର୍ବରୁ କେବଳ ପୁଲିସ୍ ଅଧିକାରୀମାନେ ଆଇନଦ୍ୱାରା ସୁରକ୍ଷା ପାଉଥିଲେ; କିନ୍ତୁ ଏବେ ନୂଆ ଆଇନ ବଳରେ ପୀଡ଼ିତ ଏବଂ ଅଭିଯୋଗକର୍ତ୍ତା ସୁରକ୍ଷା ପାଇପାରିବେ ।

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ନୂଆ ଆଇନରେ ସରକାର ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ନୂଆ ଦଣ୍ଡ ବିଧାନ ବ୍ୟବସ୍ଥା କରିଥିବାବେଳେ ପୁରୁଣା ରାଜଦ୍ରୋହ ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି । ଏହା ସହିତ ନୂଆ ଆଇନରେ ମହିଳା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ଅପରାଧକୁ ପ୍ରାଥମିକତା ଦିଆଯାଇଛି ।

ସେହିପରି ନୂଆ ଆଇନରେ ଗଣଦୁଷ୍କର୍ମ ଭଳି ଜଘନ୍ୟ ଅପରାଧ କ୍ଷେତ୍ରରେ ୨୦ ବର୍ଷ କିମ୍ବା ଆଜୀବନ ଜେଲ୍ ଦଣ୍ଡ ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି, ନାବାଳିକାଙ୍କ ସହ ଦୁଷ୍କର୍ମ ଘଟଣାରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା କରାଯାଇଛି । ଶ୍ରୀ ଶାହା କହିଛନ୍ତି, ନୂଆ ଆଇନରେ ପୀଡ଼ିତାଠାରୁ ବୟାନ ସଂଗ୍ରହ କରିବାପାଇଁ ତା'ର ନିଜ ଘରେ ମହିଳା ଅଧିକାରୀ ଏବଂ ପରିବାରବର୍ଗଙ୍କ ଉପସ୍ଥିତିକୁ ସ୍ୱୀକୃତି ଦିଆଯାଇଛି । ସେ କହିଛନ୍ତି, ଅନ୍‌ଲାଇନ୍ ମାଧ୍ୟମରେ ଏତଲା ଦାଏର କରିବା ବ୍ୟବସ୍ଥା ମଧ୍ୟ ରହିଛି । ଶ୍ରୀ ଶାହା କହିଛନ୍ତି, ବିରୋଧୀମାନେ ଏହି ନୂଆ ଆଇନ ସମ୍ପର୍କରେ ମିଥ୍ୟା ତଥ୍ୟ ପ୍ରଚାର କରୁଛନ୍ତି । ଲୋକସଭାରେ ୯ ଘଣ୍ଟାରୁ ଅଧିକ ଏବଂ ରାଜ୍ୟସଭାରେ ୬ ଘଣ୍ଟାରୁ ଅଧିକ ଏହି ନୂଆ ଆଇନ ଉପରେ ଆଲୋଚନା ହୋଇଥିଲା ଏବଂ

ବହୁସଂଖ୍ୟାରେ ବିରୋଧୀ ଦଳ ନେତାମାନେ ଏଥିରେ ଭାଗ ନେଇଥିଲେ ବୋଲି ସେ କହିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା କରାଯିବ । ଏହାର ଶୀର୍ଷକ ରହିଛି "ସବ୍ କେ ଘର କେ ସପ୍‌ନେ କୋ ସାକାର କରତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା" । ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଗୟା ପ୍ରସାଦ ଓ କେନ୍ଦ୍ର ଆବାସ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟର ଉପ-ସଚିବ କୂଳଦୀପ ନାରାୟଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ପ୍ରଶ୍ନ ୦୧୧-୨୩୪୨୧୦୫୦ ଏବଂ ୨୩୩୧୪୪୪୪ ଫୋନ୍ ନମ୍ବରରେ କଲ୍ କରି ପଚାରିପାରିବେ । ଶ୍ରୋତାମାନେ ହ୍ୱାଟ୍‌ସଆପ୍ ନମ୍ବର ୯୨୮୯୦୯୪୦୪୪ରେ ମଧ୍ୟ ପ୍ରଶ୍ନ ପଚାରିପାରିବେ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍‌ଡ୍ ଚ୍ୟାନେଲ୍, NEWS ON AIRର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

## କୋର୍ଟ - ପାଟ୍‌କର

ଦିଲ୍ଲୀର ଏକ ଅଦାଲତ ସମାଜସେବୀ ମେଧା ପାଟକରଙ୍କୁ ୫ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଦିଲ୍ଲୀର ବର୍ତ୍ତମାନର ଉପରାଜ୍ୟପାଳ ବିନୟ କୁମାର ସାକ୍ସେନାଙ୍କ ଦ୍ୱାରା ବହୁ ପୂର୍ବରୁ ରୁଜୁ ହୋଇଥିବା ଏକ ଅପରାଧିକ ମାମଲାର ବିଚାର କରି ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଗତ ମଇ ୨୪ ତାରିଖରେ ସାକେତ କୋର୍ଟ ସୁଶ୍ରୀ ପାଟ୍‌କରଙ୍କୁ ଭାରତୀୟ ଦଣ୍ଡବିଧି ସଂହିତା ଧାରା ୫୦୦ ଅନୁଯାୟୀ ଅପରାଧିକ ମାନହାନି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ । ୨୦୦୧ ମସିହାରେ ସୁଶ୍ରୀ ପାଟ୍‌କର୍ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶ୍ରୀ ସକ୍ସେନାଙ୍କୁ ବଦନାମ କରିଥିବା ଅଭିଯୋଗ ହୋଇଥିଲା ।

## ଇଣ୍ଡିଆ-ପାକ୍ ପ୍ରିଜିନର୍ସ

ଭାରତ ଏବଂ ପାକିସ୍ତାନ ଆଜି ଉଭୟ ଦେଶର ଜେଲ୍‌ରେ ଥିବା ନାଗରିକ ଏବଂ ମତ୍ସ୍ୟଜୀବୀମାନଙ୍କ ସୂଚନା ଆଦାନ ପ୍ରଦାନ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଭାରତ ପାକିସ୍ତାନର ୩୬୬ ଜଣ ନାଗରିକ ଓ ୮୬ ଜଣ ମତ୍ସ୍ୟଜୀବୀଙ୍କ ତାଲିକା ପ୍ରଦାନ କରିଛି । ପାକିସ୍ତାନ

ପକ୍ଷରୁ ଭାରତର ୪୩ ଜଣ ନାଗରିକ ଓ ୨୧୧ ଜଣ ମତ୍ସ୍ୟଜୀବୀଙ୍କ ନାମ ତାଲିକା ମିଳିଛି । ୨୦୦୮ ମସିହାରେ ଦ୍ୱିପାକ୍ଷିକ ବୁଝାମଣା ଅନୁଯାୟୀ ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ପହିଲାରେ ଉଭୟ ଦେଶ ଏହି ତାଲିକା ଆଦାନ ପ୍ରଦାନ କରିଥା'ନ୍ତି ।

## ୱିମେନ୍ କ୍ରିକେଟ୍ ଟେଷ୍ଟ

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୦ ୱିକେଟ୍‌ରେ ପରାସ୍ତ କରିଛି ।

ଭାରତ ତା'ର ପ୍ରଥମ ଇନିଙ୍ଗ୍‌ସରେ ୧୧୫ ଓଭର୍ ଗୋଟିଏ ବଲ୍‌ରେ ୬ ୱିକେଟ୍ ହରାଇ ୬୦୩ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଙ୍ଗ୍‌ରେ ୮୪ ଓଭର୍ ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୬୬ ରନ୍ ସଂଗ୍ରହ କରି ଫଲୋ ଅନ୍‌ର ସମ୍ମୁଖୀନ ହୋଇଥିଲା । ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ଦକ୍ଷିଣ ଆଫ୍ରିକା ୩୭୩ ରନ୍ ସଂଗ୍ରହ କରିଥିଲା । ଏହି ମ୍ୟାଚ୍ ଜିତିବାପାଇଁ ୩୬ ରନ୍‌ର ଆବଶ୍ୟକତା ଥିବାବେଳେ ଭାରତ ଦ୍ୱିତୀୟ ଇନିଙ୍ଗ୍‌ସରେ କୌଣସି ୱିକେଟ୍ ନ ହରାଇ ୩୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।

*****